ଦିନକ ପରେ କେନ୍ଦ୍ର ବଜେଟ

ଆୟକରରେ ରିହାତି, ଅଧିକ ଟ୍ରେନ୍ ଘୋଷଣା ଆଶା

ନୂଆଦିଲ୍ଲୀ, ୩୦/୧: ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ରବିବାର ୨୦୨୬-୨୭ ଆର୍ଥିକବର୍ଷ ପାଇଁ ସଂସଦରେ ବଜେଟ ଉପସ୍ଥାପନ କରିବେ। ବିଶ୍ୱରେ ସଂପ୍ରତି ଦେଖାଦେଇଥିବା ସାମରିକ ଉତ୍ତେଜନା, ଶୁଳ୍କ ଯୁଦ୍ଧ ଏବଂ ଅନ୍ୟାନ୍ୟ ପ୍ରତିକୂଳ ପରିସ୍ଥିତିରେ ନିର୍ମଳା ଲଗାତାର ନବମ ବର୍ଷ ପାଇଁ ବଜେଟ୍ ଆଗତ କରିବେ। ଅର୍ଥନୀତିରେ ସଂସ୍କାର ଆଣିବା ସହିତ ଅର୍ଥମନ୍ତ୍ରୀ ବଜେଟ୍‌ରେ ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ଅନେକ କିଛି ଘୋଷଣା କରିବେ ବୋଲି ଅନୁମାନ କରାଯାଉଛି। ବିଶେଷକରି ବେତନଭୋଗୀଙ୍କୁ ଆୟକରେ ରିହାତି ମିଳିବା ଆଶା ରହିଛି। ନୂଆ ଆୟକର ବ୍ୟବସ୍ଥାରେ ଷ୍ଟାଣ୍ଡାର୍ଡ ଡିଡକ୍ସନ ୭୫ ହଜାର ଟଙ୍କା ରହିଥିବାବେଳେ ଆସନ୍ତ ବଜେଟରେ ଏହାକୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇପାରେ। ଏହା ହେଲେ ବେତନଭୋଗୀଙ୍କୁ ୧୩ ଲକ୍ଷ ଟଙ୍କା ରୋଜଗାର ଉପରେ ଆୟକର ଦେବାକୁ ପଡ଼ି ନପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେହିପରି ଚାଷୀଙ୍କ ପାଇଁ ଅର୍ଥମନ୍ତ୍ରୀ କିଛି ନୂଆ ଘୋଷଣା କରିପାରନ୍ତି। ପିଏମ୍ କିଷାନ ଯୋଜନାରେ କୃଷକଙ୍କୁ ବାର୍ଷିକ ୬ ହଜାର ଟଙ୍କା ପରିବର୍ତ୍ତେ ୯ ହଜାର ଟଙ୍କା ଦିଆଯାଇପାରେ। ବର୍ତ୍ତମାନ ସୁଦ୍ଧା ଦେଶରେ ପ୍ରାୟ ୧୧ କୋଟି ଚାଷୀ ଏହି ଯୋଜନାର ଲାଭ ପାଉଛନ୍ତି। ବାର୍ଷିକ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଏଁ ଦିଆଯାଉଛି। ସରକାର ପ୍ରତିବର୍ଷ ଏହି ଯୋଜନାରେ ୬୦ରୁ ୬୫ ହଜାର କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ୯ ହଜାର ଟଙ୍କା କରାଗଲେ ସରକାରଙ୍କୁ ବାର୍ଷିକ ପାଖାପାଖି ୯୫ ହଜାର କୋଟି ଟଙ୍କା ବ୍ୟୟ କରିବାକୁ ହେବ। ସରକାର ୨୦୩୦ ସୁଦ୍ଧା ରେଳ ସଂରକ୍ଷଣରେ ୱେଟିଂ ଲିଷ୍ଟ୍ ଶେଷ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସରକାରଙ୍କୁ ଅଧିକ ଟ୍ରେନ ଚଳାଇବାକୁ ପଡ଼ିବ। ବଜେଟରେ ପାଖାପାଖି ୩୦୦ ନୂଆ ଅମୃତ ଭାରତ ଏବଂ ବନ୍ଦେ ଭାରତ ଟ୍ରେନ ଚଳାଚଳ ନେଇ ଘୋଷଣା ହୋଇପାରେ। ଗତ ବଜେଟରେ ରେଳବାଇକୁ ସରକାର ୨.୬୫ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଥିଲେ। ଚଳିତଥର ଏହି ରାଶି ବୃଦ୍ଧି ପାଇବ ବୋଲି ଆଶା ରହିଛି। ପିଏମ୍ ସୂର୍ଯ୍ୟଘର ଯୋଜନାରେ ବର୍ତ୍ତମାନ ପ୍ରଦାନ କରାଯାଉଥିବା ରିହାତି ରାଶି ବୃଦ୍ଧି ହୋଇପାରେ। ୨ କିଲୋୱାଟ୍ ପର୍ଯ୍ୟନ୍ତ ସୌର ଶକ୍ତିରେ କିଲୋୱାଟ ପିଛା ୩୦ ହଜାର ଟଙ୍କା ପରିବର୍ତ୍ତେ ୪୦ ହଜାର ଟଙ୍କା ପ୍ରଦାନ ନେଇ ଘୋଷଣା ହୋଇପାରେ।

ଖର୍ଚ୍ଚ ହୋଇନଥିବା ପାଣ୍ଠି ଫେରାଇବାକୁ କହିଲା ଅର୍ଥ ବିଭାଗ

ଭୁବନେଶ୍ୱର, ୩୦/୧(ଇମିସ): ବଜେଟ୍‌ରେ ଆବଣ୍ଟନ କରାଯାଇଥିବା ଅର୍ଥକୁ ବିଭାଗଗୁଡ଼ିକ ଖର୍ଚ୍ଚ କରିପାରୁନାହାନ୍ତି। ଯେତିକି ପାଣ୍ଠି ଦିଆଯାଇଥିଲା ସେଥିରୁ କିଛି ଅଂଶ ପଡ଼ିରହିଛି। ତାହାକୁ ଫେରାଇ ଆଣିବା ଲାଗି ଅର୍ଥ ବିଭାଗ ଅଣ୍ଟା ଭିଡ଼ିଛି। ଖର୍ଚ୍ଚ ହୋଇନଥିବା ପାଣ୍ଠିକୁ ଆସନ୍ତା ଫେବ୍ରୁଆରି ଶେଷ ସୁଦ୍ଧା ଫେରାଇବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ କୁହାଯାଇଛି। ସମସ୍ତ ବିଭାଗକୁ ଏକ ପତ୍ର ଲେଖି ଅର୍ଥ ବିଭାଗ ଜଣାଇଛି ଯେ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକ ସୁଦ୍ଧା ଖର୍ଚ୍ଚ ହୋଇପାରିନଥିବା ପାଣ୍ଠିକୁ ଫେରାଅ। ମୋଟ ବ୍ୟୟ ଓ କାର୍ଯ୍ୟକ୍ରମ ବ୍ୟୟରେ ଖର୍ଚ୍ଚ କରିପାରିନଥିବା ପାଣ୍ଠିକୁ ବିଭାଗଗୁଡ଼ିକ ଫେରାଇବେ।

'ଗୀତା' ସ୍ୱୟଂଶାସିତ କଲେଜରେ ହାକାଥନ୍ ଚକ୍ରବ୍ୟୂହ ୧.୦

ଭୁବନେଶ୍ୱର, ୩୦/୧: ଗୀତା ସ୍ୱୟଂଶାସିତ କଲେଜରେ ହାକାଥନ୍ ଚକ୍ରବ୍ୟୂହ ୧.୦ ଅନୁଷ୍ଠିତ ହୋଇଯାଇଛି।



ଏଥିରେ ମୁଖ୍ୟ ଅତିଥି ଭାବେ ବିପିୟୁଟି କୁଳପତି ପ୍ରଫେସର ଡ. ଅମିୟ କୁମାର ରଥ, ସମ୍ମାନିତ ଅତିଥି ଭାବେ ଟିସିଏସ୍ ଭୁବନେଶ୍ୱରର ବରିଷ୍ଠ ଅଧିକାରୀ କୁଞ୍ଜବିହାରୀ ଆଚାର୍ଯ୍ୟ, ଗୀତାର ଭାଇସ୍ ଚେୟାରମ୍ୟାନ ଡ. ବିରଞ୍ଚି ନାରାୟଣ ପଣ୍ଡା, ଅଧ୍ୟକ୍ଷ ଡ. ମନ୍ମଥ କୁମାର ରାଉଳ ଓ ଡିନ୍ (ପ୍ରଶାସନ) ଡ. ପି କେ ରାଉତରାୟ ଉପସ୍ଥିତ ଥିଲେ। ଏହି ହାକାଥନ୍‌ରେ ମୁଖ୍ୟ ବିଚାରକ ଭାବେ ଆଇଆଇଟି ଖଡ଼ଗପୁରର ଡ. ସୁମନ ମଣ୍ଡଳ, ସିଲିକନ ବିଶ୍ୱବିଦ୍ୟାଳୟର ଡ. ସତୀଶ ଦାଶ, ଓକେସିଏଲ୍ ଭୁବନେଶ୍ୱରର ବୈଶାଳୀ ବିଶ୍ୱାସ ଓ ଶିକ୍ଷାବିତ ଡ. ବିଷ୍ଣୁପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତା ଆୟୋଜନ କରିଥିବାରୁ ଗାନ୍ଧୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ସର ଅଧ୍ୟକ୍ଷ ଡ. ସତ୍ୟ ପ୍ରକାଶ ପଣ୍ଡା ସାଧୁବାଦ ଜଣାଇଛନ୍ତି।

ପାୱାର ହସ୍ପିଟାଲ୍‌ରେ କର୍କଟ ପରୀକ୍ଷଣ ଶିବିର

ଭୁବନେଶ୍ୱର, ୩୦/୧: ଓପିଟିସିଏଲ୍ ଓ ପଣ୍ଡା କ୍ୟାନସର୍ ହସ୍ପିଟାଲ୍‌ର ମିଳିତ ସହଯୋଗରେ ଭୋଇନଗରର ପାୱାର ହସ୍ପିଟାଲ୍‌ରେ ଏକ ମାଗଣା କର୍କଟ ସଚେତନତା ଓ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ଗର୍ଭାଶୟ କର୍କଟ, ମୁଖ ଗହ୍ୱର କର୍କଟ ଓ ସ୍ତନ କର୍କଟର ପରୀକ୍ଷଣ କରାଯାଇଥିଲା। କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସ୍ମିତି ଦାସ ପରାମର୍ଶ ଦେଇଥିଲେ। ଏହି ଶିବିର ଦ୍ୱାରା ୧୦୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଓପିଟିସିଏଲ୍‌ର ମହାପ୍ରବନ୍ଧକ (ମାନବ ସମ୍ବଳ) ମଧୁମିତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା।

ନାଲ୍‌କୋର ୧୬୦୧ କୋଟି ନିଟ୍ ଲାଭ

ଭୁବନେଶ୍ୱର, ୩୦/୧: ନବରତ୍ନ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନି ଲିମିଟେଡ (ନାଲ୍‌କୋ) ୨୦୨୫-୨୬ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ସର୍ବକାଳୀନ ସର୍ବାଧିକ ୧୬୦୧ କୋଟି ଟଙ୍କାର ନିଟ୍ ଲାଭ କରିଛି। ବିଗତ ଆର୍ଥିକ ବର୍ଷର ତୃତୀୟ ତ୍ରୈମାସିକରେ ଏହି ପରିମାଣ ୧୫୮୩ କୋଟି ଟଙ୍କା ଥିଲା। କମ୍ପାନିର ମୋଟ ଆୟ ୪,୯୨୫ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷ ୪,୭୬୧ କୋଟି ଟଙ୍କା ଥିଲା। ଏହି ଆର୍ଥିକ ବର୍ଷର ୯ ମାସରେ କମ୍ପାନିର ମୋଟ କାରବାର ୧୨,୮୩୦ କୋଟି ଟଙ୍କା ସହ ନିଟ୍ ଲାଭ ୪୦୯୮କୋଟି ଟଙ୍କା ହୋଇଛି। ପୂର୍ବ ଆର୍ଥିକ ବର୍ଷରେ ତାହା ୧୧,୫୨୦ ଏବଂ ୩,୨୪୬କୋଟି ଟଙ୍କା ଥିଲା। କର୍ମଚାରୀମାନଙ୍କୁ ଏହି ସଫଳତାର ଶ୍ରେୟ ଦେବା ସହ ନାଲକୋ ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ ମୂଲ୍ୟ ଅପ୍ଟିମାଇଜେସନ୍, ମାର୍ଜିନ୍ ପରିଚାଳନା ଏବଂ ଗୁଣବତ୍ତା ବୃଦ୍ଧି ଉପରେ ନିରନ୍ତର ଗୁରୁତ୍ୱ ଦ୍ୱାରା ଏହି ଫଳାଫଳ ହାସଲ ହୋଇପାରିଛି। ୨୦୨୫-୨୬ ନିମନ୍ତେ କମ୍ପାନି ପକ୍ଷରୁ ଇକ୍ୱିଟି ସେୟାର ପ୍ରତି ୪.୫୦ଟଙ୍କାର ଦ୍ୱିତୀୟ ଅନ୍ତରୀଣ ଲାଭାଂଶ ଘୋଷଣା କରାଯାଇଛି।

ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ-ସେଭ୍‌ଫୁଲ୍ ସହଯୋଗିତା

ଭୁବନେଶ୍ୱର, ୩୦/୧: ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଷ୍ଟ୍ରେଲିଆର ଖାଦ୍ୟ ପ୍ରଯୁକ୍ତି କମ୍ପାନି ସେଭ୍‌ଫୁଲ୍ ସହ ସହଯୋଗିତା ସ୍ଥାପନ କରାଯାଇଛି। ଏଥି ସହିତ ସେଭ୍‌ଫୁଲ୍ ଭାରତୀୟ ବଜାରରେ ପ୍ରବେଶ କରିଛି।

ସେଭଫୁଲ୍ ଆପ୍ ପରିବାରଗୁଡ଼ିକରେ ଖାଦ୍ୟ ସଞ୍ଚୟରେ ସହାୟକ ହେବ। ସେହି ପ୍ରଯୁକ୍ତିକୁ ସେଞ୍ଚୁରିଅନ୍‌ର 'ଜିରୋ ୱେଷ୍ଟ୍ କ୍ୟାମ୍ପସ' ବ୍ୟବସ୍ଥା ସହ ଯୋଡ଼ାଯିବ। ଏହି ସହଯୋଗିତା ଛାତ୍ରଛାତ୍ରୀ, ଫାକଲ୍ଟି ଓ ଆଖପାଖର ସମୁଦାୟକୁ ରୋଷେଇ ଘରେ ବଳକା ରହୁଥିବା ଖାଦ୍ୟକୁ ସମ୍ବଳରେ ପରିଣତ କରିବାରେ ସହାୟକ ହେବ। ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ କହିଛନ୍ତି ଯେ ସେଭଫୁଲ୍ ସହ ସହଯୋଗିତା ଲୋକମାନଙ୍କୁ ପ୍ରତିଦିନ ଭଲ କାମ କରିବା ପାଇଁ ଏକ ଡିଜିଟାଲ ଟୁଲ୍ ପ୍ରଦାନ କରିବ। ଏହା କେବଳ ଏକ ଆପ୍ ନୁହେଁ, ଏହା ସର୍କୁଲାର ଅର୍ଥନୀତି ଓ ଏସ୍‌ଡିଜି ପ୍ରତି ଆମ ପ୍ରତିବଦ୍ଧତାର ସମ୍ପ୍ରସାରଣ ବୋଲି ସେ କହିଛନ୍ତି। ସେଭଫୁଲ୍‌ର ସହ ପ୍ରତିଷ୍ଠାତା କିମ୍ ମ୍ୟାକ୍‌ଡୋନେଲ୍ କହିଥିଲେ ଯେ ସମୁଦାୟ ଆଧାରିତ ପରିବର୍ତ୍ତନର ଅଗ୍ରଦୂତ ହୋଇଥିବାରୁ ଆମେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟକୁ ସହଯୋଗୀ ଭାବେ ଚୟନ କରିଛୁ। ସେଭ୍‌ଫୁଲ୍ ଆପ୍‌କୁ ସହକାରୀ ପ୍ରଫେସର ସଞ୍ଜୀବ କୁମାର ଦାସ, ସନ୍ଦୀପ କୁମାର ଓ ଟିମ୍ ବିକାଶ କରିଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ

ସମ୍ପଦା ବିଭାଗ, ପଣ୍ଡିତ ଜବାହରଲାଲ ନେହରୁ ମାର୍ଗ
ଭୁବନେଶ୍ୱର - 751001

ଟେଣ୍ଡର ବିଜ୍ଞପ୍ତି

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର, ଓଡ଼ିଶା ₹ ୯୮ ଲକ୍ଷ ଟଙ୍କା ଆନୁମାନିକ ମୂଲ୍ୟ ରେ ନିଜର **ମୁଖ୍ୟ କାର୍ଯ୍ୟାଳୟ ଭବନର ଦ୍ୱିତୀୟ ମହଲାରେ ଅଡିଟୋରିୟମ୍ ପାଇଁ ଭେରିଏବଲ୍ ରେଫ୍ରିଜରେଣ୍ଟ ଫ୍ଲୋ (ଭିଆରଏଫ/ଭିଆରଭି) ଟେକ୍ନୋଲୋଜି ଆଧାରିତ ଏୟାର କଣ୍ଡିସନିଂ ସିଷ୍ଟମର ଡିଜାଇନ୍, ଯୋଗାଣ, ସ୍ଥାପନା, ପରୀକ୍ଷଣ ଏବଂ କମିଶନିଂ (ଡିଏସଆଇଟିସି)** ନିମନ୍ତେ ଯୋଗ୍ୟ ସଂସ୍ଥାମାନଙ୍କଠାରୁ ଦୁଇଟି ଭାଗରେ ଇ-ଟେଣ୍ଡର ଆହ୍ୱାନ କରୁଅଛି ଏବଂ ଏହି କାର୍ଯ୍ୟଟି ୩୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ।

ଆଗ୍ରହୀ ସଂସ୍ଥାମାନେ ବିସ୍ତୃତ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ www.rbi.org.in ଦେଖି ପାରିବେ କିମ୍ବା ବ୍ୟାଙ୍କର ସମ୍ପଦା ବିଭାଗ ସହିତ ଯୋଗାଯୋଗ କରିପାରିବେ। M S T C ପୋର୍ଟାଲ www.mstcecommerce.com/eprocn ରେ ଆବେଦନର ଶେଷ ତାରିଖ **ଫେବୃଆରୀ ୦୫, ୨୦୨୬ ଅପରାହ୍ନ ୦୪:୦୦ ଟା ଅଟେ।**

ବ୍ୟାଙ୍କ କୌଣସି କାରଣ ନ ଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଟେଣ୍ଡରକୁ ପ୍ରତ୍ୟାଖ୍ୟାନ କରିବାର ଅଧିକାର ସଂରକ୍ଷିତ ରଖିଛି।

କ୍ଷେତ୍ରୀୟ ନିର୍ଦ୍ଦେଶକ
ଭୁବନେଶ୍ୱର

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍

(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବ୍‌ସାଇଟ୍ : www.mahanadicoal.in

ବିଜ୍ଞପ୍ତି

"ସାମଗ୍ରୀଗୁଡ଼ିକର କ୍ରୟ କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ **https://coalindiatenders.nic.in** ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ **https://eprocure.gov.in** ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM **portal https://gem.gov.in** ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।"

R-5284

OFFICE OF THE PANCHAYAT SAMITI, KHARIAR DIST. NUAPADA

Letter No:-336 Date:29.01.2026

TENDER CALL/QUOTATION CALL NOTICE

Sealed quotation call are invited from the intending vehicle owner/Registered firms/Authorized dealers for engagement of vehicle for repairing of Tube well/pws of Panchayat Samiti, Khariar area vide quotation Call notice No-336 Dated: 29.01.2026. Quotation will be received before 02.02.2026 by 3.00pm(Monday) and will be opened on the same day at.4.30pm in presence of quotationer.

Details can be seen in the Nuapada website i.e.Nuapada.nic.in

Sd/- Block Development Officer, Khariar

GOVT. OF ODISHA DEPARTMENT OF WATER RESOURCES

A-1328

Office of the Additional Chief Engineer
Vansadhara Nagabali Basin, Paralakhemundi
(email Id: se_sicpkd@yahoo.com)

e-Procurement Notice No. ACE, VNB-03/2025-26

1	Type of works	**Flood Protection Works.**
2	Total number of Packages	**4 (Four) Nos.**
3	Estimated Cost	**Rs.154.03 lakhs to 328.27 lakhs**
4	Bid Identification No.	ACE, VNB (GID)-03/2025-26 to ACE, VNB (GID)-04/2025-26 and ACE, VNB (RID)-03/2025-26 to ACE, VNB (RID)-04/2025-26
5	Period of completion	Mentioned in Col.No 7 of NIT.
6	Availability & submission of bids online	**From 11.00 AM of 06.02.2026 to 5.00 PM of 20.02.2026.**
7	Date of Opening of Technical Bids	**21.02.2026 at 11.00 AM.** in the, O/O the Additional Chief Engineer, Vansadhara Nagabali Basin, Paralakhemundi.
8	Procurement Officer	Additional Chief Engineer, Vansadhara Nagabali Basin, Paralakhemundi.
9	Further details can be seen from Govt. Website **www.tendersorissa.gov.in** and any addendum/corrigendum/cancellation will be published in the said website.	

Sd/-Additional Chief Engineer
OIPR **Vansadhara Nagabali Basin, Paralakhemundi**

GOVERNMENT OF ODISHA

B-1018

OFFICE OF THE ENGINEER-IN-CHIEF (CIVIL), ODISHA, NIRMAN SOUDHA, BHUBANESWAR
"e"-PROCUREMENT NOTICE
WORKS DEPARTMENT
E-mail: ceroads.bbsr@gmail.com

Bid Identification No.CE-Roads-I-20/2025-26

1. The Engineer-in-Chief (Civil), Roads-I, Odisha on behalf of Governor of Odisha invites percentage rate bids in double cover system through ONLINE MODE form eligible contractors for Road Work as mentioned below:
2. Nature of work : **Road Works**
3. No. of work : **5 Nos.**
4. Tender Paper cost : **Rs.10,000.00**
5. Class of Contractor : **'A'Class / Special Class**
6. Available of bid document the website : **From 10.00 A.M. of 02.02.2026 to 5.30 PM of 18.02.2026**
7. Date of opening of Bid : **Dt.19.02.2026 at 11.30 A.M.**
8. The Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in.** Any addendum / corrigendum / cancellation of tender can also be seen in the said website.

Sd/-Engineer-in-Chief (Civil), Roads-I, Odisha
OIPR

DISTRICT PROJECT OFFICE

ସମଗ୍ର ଶିକ୍ଷା Samagra Shiksha
Old Revenue Colony, Behind Govt. Hospital, BOUDH
email - dpcBoudhssa.opepa@nic.in

No. 120/2026 Dated.28.01.2026

NOTICE INVITING TENDER (NIT)

27001/4/2526: Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II for Class-I to IV and VI, VII & Annual Examination for Class - V & VIII 2026 Students in two bid systems (Technical & Commercial Bid) as detailed below.

Name of the Tender	Bid processing fees	Amount of EMD	Last Date & time of receipt of Bid	Date & time of opening of Technical Bid
Printing & Supply of Question cum Answer Sheet for SA-II for Class-I to IV and VI, VII & Annual Examination for Class - V & VIII 2026 Students	Rs.2000/-	Rs. 50,300/-	09.02.2026 by 5.00 PM	10.02.2026 at 11 AM

The detailed BID document is available in the website www.osepa.odisha.gov.in & www.Boudh.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

Sd/- Collector-Cum- Chairman, Samagra Shiksha, Boudh
OIPR 27001/27138/1/25-26/0004

THE ODISHA STATE POLICE HOUSING & WELFARE CORPORATION LTD.

(A Government of Odisha Undertaking)
Janapath, Bhoinagar, Bhubaneswar - 22, Ph: 0674-2541545, 2542921, E-mail: ophwc.od@od.nic.in,
Website: www.ophwc.com

e-procurement notice No.- 26/OPHWC/2025-26

INVITATION FOR BIDS (IFB)

12001/4/2526 : The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover system in ONLINE MODE only, for the works as detailed below:
1. Nature of work : Building works, 2. No. of Works : 14 nos.
3. Value of Tender : Rs.1.12. Cr. to Rs.10.68 Cr.
4. Class of Contractor : 'B' Class to 'Spl.' Class
5. Cost of Bid document (To be paid online) : Rs. 11,800.00
6. Availability of Bid Documents in the website : Dt.31/01/2026 to Dt.16/02/2026 up to 5.00 P.M
7. Last date /time of Receipt of Bids in the Portal : Dt.16/02/2026 up to 5.00 P.M
8. Date of Opening Bid : Dt.17/02/2026 at 10.30 A.M
9. Date of Technical Presentation (among qualified bidders only) : Date & Time will be notified after opening of the Technical Bid.
10. *The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website.
*The Authority reserves the right to reject any or all bids and terminate the tender process without assigning any reason thereof.

Sd/- Chief Engineer (OSPH&WC)

N.B. : The quoted rate should be all inclusive but excluding G.S.T.as applicable Under works contract. OIPR-12001/12025/1/25-26/0004

GOVERNMENT OF ORISSA, DEPARTMENT OF WATER RESOURCES OFFICE OF THE ADDITIONAL CHIEF ENGINEER, BARIPADA, MINOR IRRIGATION CIRCLE, BARIPADA

No. 81 e-Mail ID: acemicircleb@gmail.com Dated 29.01.2026
"e" Procurement Notice 32001/10/2526

BID IDENTIFICATION No.- Addl. C.E BMIC No.- 04/BMIC/2025-26

The Additional Chief Engineer, Baripada Minor Irrigation Circle, Baripada on behalf of Governor of Odisha invites **percentage rate bids in Double cover only in ONLINE mode** for the works detailed in the table from "**B**" **Class & "A" Class** Contractors registered with the State Government and contractors of equivalent Grade/ Class registered with Central Government/M.E.S./Railways for execution of civil works on production of definite proof from the appropriate authority. The bidders may submit bids for any or all of the works.

1	Name of the works	Improvement to MIP and Construction of Check Dam in Thakurmunda & Jashipur Block of Mayurbhanj District under MIPSP & MATY Scheme for the year 2025-26.
2	Total No. of works	2 (Two) nos
3	Estimated Cost	Rs.120.318 lakh & Rs.115.148 Lakh Approximately (Detail list of work Annexed)
4	Class of Contractor	Class "B" & "A"
5	Period of completion	As Mentioned against Work.
6	Date & time of Availability of Bid Document in the portal for online bidding.	02.02.2026 at 10.00 AM to 16.02.2026 up to 5.00 P.M.
7	Last date/Time for receipt of Bid only in ONLINE.	16.02.2026 up to 5.00 P.M.
&	Date/Time of Opening of Technical Bid.	17.02.2026 at 11.00 A.M. at Office of the Addl. C.E Baripada M.I Circle, Baripada through Website
9	Date/ Time of Opening of Financial Bid	To be intimated online after offline evaluation of Technical Bids.
10	Date of Transparent Lottery (If cases arises)	To be intimated through mail after offline evaluation of Financial Bids.
11	Name & Address of the Officer Inviting the Bid.	Additional Chief Engineer, Baripada M.I. Circle, Baripada At/Po-Baripada Dist.-Mayurbhanj, PIN-757001, E-Mail:-acemicircleb@gmail.com
12	Mode of Payment of Bid Cost	Online

Further details can be seen from the "e" Procurement Portal **https://tendersodisha.gov.in.**

Sd/-Additional Chief Engineer, Baripada M.I Circle, Baripada
OIPR 32001/32490/1/25-26/0010

ଦ.ପୂ. ରେଳପଥ - ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୬/୦ ତାରିଖ: ୩୦.୦୧.୨୦୨୬

"ଇ"-ସଂଗ୍ରହଣ ପ୍ରଣାଳୀ ନିମନ୍ତେ ଟେଣ୍ଡର

ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟାଳୟ କାର୍ଯ୍ୟାଳୟ(୫ମ ମହଲା), ନୂତନ ପ୍ରଶାସନିକ ଅଟ୍ଟାଳିକା, ୧୧, ଗାର୍ଡେନ୍ ରିଚ୍ ରୋଡ଼, କୋଲକାତା- ୭୦୦୦୪୩ଙ୍କ ଦ୍ୱାରା ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପାଇଁ ମୁକ୍ତ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି, ଯାହା **www.ireps.gov.in** ୱେବସାଇଟ୍‌ରେ ନିମ୍ନପ୍ରକାରେ ଅପଲୋଡ କରାଯାଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

କ୍ର. ନଂ.	ଟେଣ୍ଡର ସଂ	ବନ୍ଦହେବା ତାରିଖ	ସଂକ୍ଷିପ୍ତ ବିବରଣୀ	ପରିମାଣ	ଇଏମ୍‌ଡି (ଟଙ୍କାରେ)
୧.	୬୫୨୫୫୦୦୨ସି	୧୨.୦୨.୨୬	ଏଚ୍‌ଏବିଡି (ହଟ୍ ଏକ୍ସଲ୍ ବକ୍ସ ଡିଟେକ୍ଟର) ସିଷ୍ଟମ୍	୦୯ ଗୋଟି	ଟ.୧,୦୩,୫୦୦/-
୨.	୨୫୨୫୧୩୦୨ଏ	୧୧.୦୨.୨୬	କମ୍ପ୍ୟୁଟେଟର୍ ଆସେମ୍ବ୍ଲି ଆଦି.	୪୨ ଗୋଟି	ଟ.୧,୦୩,୫୦୦/-
୩.	୩୩୨୫୩୨୮ଏ	୧୦.୦୨.୨୬	ଫିଆଟ୍ ବଗି ନିମନ୍ତେ ସେକେଣ୍ଡାରୀ ଲାଟେରାଲ୍ ଡ୍ୟାମ୍ପର୍ ଆଦି	୨୫୭୦ ଗୋଟି	ଟ.୧,୦୩,୫୦୦/-
୪.	୩୩୨୫୫୦୩୦	୦୯.୦୩.୨୬	ଯୋଗାଣ, ସଂସ୍ଥାପନ, ପରୀକ୍ଷଣ ଆଦି	୦୪ ସେଟ୍	ଟ.୧,୦୩,୫୦୦/-
୫.	୩୩୨୬୧୫୧୩	୦୨.୦୩.୨୬	କଏଲ୍ ସ୍ପ୍ରିଙ୍ଗ ଏଲଏଚବି ନିମନ୍ତେ ବଗି ଫ୍ରେମ୍ ଆସେମ୍ବ୍ଲି	୨୩ ଗୋଟି	ଟ.୧,୦୩,୫୦୦/-
୬.	୮୧୨୫୧୮୦୪	୧୨.୦୨.୨୬	ଇଣ୍ଡଷ୍ଟ୍ରିଆଲ୍ ଆପ୍ଲିକେସନ୍ ନିମନ୍ତେ ତରଳ ପେଟ୍ରୋଲିୟମ୍ ଗ୍ୟାସ୍	୧୩୮୫୪୪ କେଜି	ଟ.୧,୦୩,୫୦୦/-
୭.	ଆଇଏଫ୨୫୫୨୪୨	୨୩.୦୨.୨୬	ଆଧୁନିକୀକୃତ ଇଲାଷ୍ଟୋମେରିକ୍ ପ୍ୟାଡ୍	୩୭୫୦ ଗୋଟି	ଟ.୧,୦୩,୫୦୦/-
୮.	ଆଇଜି୨୬୫୧୨୪	୨୬.୦୨.୨୬	ଅଣ-ଇନସୁଲେଟେଡ୍ କ୍ୟାଡମିୟମ୍ କପର୍ କାଟେନାରୀ ୱାୟର୍ ୬୫ ବ.ମି.	୫.୪୨ ଏମ୍‌ଟି	ଟ.୧,୦୩,୫୦୦/-
୯.	୩୩୨୫୧୪୭୧	୧୮.୦୩.୨୬	ଏଲ୍‌ଏଚବି କୋଚ୍ ନିମନ୍ତେ ଟପ୍ ଫ୍ଲାଞ୍ଜ	୧୭୦ ସେଟ୍	ଟ.୧,୦୩,୫୦୦/-
୧୦.	୩୩୨୫୫୦୩୧	୧୩.୦୩.୨୬	ଏୟାର୍ ସ୍ପ୍ରିଙ୍ଗ ଫେଲ୍ୟୁର୍ ଇଣ୍ଡିକେସନ୍	୦୯ ଗୋଟି	ଟ.୧,୦୩,୫୦୦/-
୧୧.	ଜିଇଏମ୍/୨୦୨୬/ ବି/୭୧୧୦୮୮୪	୦୫.୦୨.୨୬	ହେଲଥକେୟାର୍ କିଚେନ୍ ଓ ଡାଏଟାରୀ ସେବା	୦୨ ବର୍ଷ	ଟ.୧,୦୩,୫୦୦/-
୧୨.	ଜିଇଏମ୍/୨୦୨୬/ ବି/୭୧୧୦୮୮୪	୦୬.୦୨.୨୬	ବାୟୋମେଡିକାଲ୍ ୱେଷ୍ଟ ପରିଚାଳନା ସେବା	୦୨ ବର୍ଷ	ଟ.୧,୦୩,୫୦୦/-

ଆଗ୍ରହୀ ନିଲାମଡକାଳୀମାନେ ନିଲାମ ସମ୍ବନ୍ଧୀୟ ସଂପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ନିର୍ଦ୍ଦିଷ୍ଟତା ନିମନ୍ତେ ତଥା ନିଜ ନିଲାମକୁ ଅନଲାଇନ୍ ଦାଖଲ କରିବା ପାଇଁ ନିୟମିତ **www.ireps.gov.in** ୱେବସାଇଟ୍ ପରିଦର୍ଶନ କରନ୍ତୁ। କୌଣସି ପରିସ୍ଥିତିରେ ମାନୁଆଲ୍ ଅଫର୍ ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଆଗ୍ରହୀ ନିଲାମଧାରୀମାନେ ଅନ୍ୟ ନିଲାମରେ ଅଂଶଗ୍ରହଣ କରିବା ପାଇଁ ତଥା ପରବର୍ତ୍ତୀ ଯେ କୌଣସି ପ୍ରକାଶିତ ସଂଶୋଧନ ନିମନ୍ତେ ନିୟମିତ **www.ireps.gov.in** ପରିଦର୍ଶନ କରନ୍ତୁ।

(PR-1123)

केनरा बैंक Canara Bank (A Government of India Undertaking) सिंडिकेट Syndicate

ଅଞ୍ଚଳ କାର୍ଯ୍ୟାଳୟ, ବିଡିଏ-କେ/୨, ପ୍ଲଟ୍ ନଂ.: ୧୫୫୬(ଅଂଶ) ଏବଂ ୧୫୬୧(ଅଂଶ), ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୭୫୧୦୩୦, ଫୋନ୍ ନଂ: ୦୬୭୪-୨୩୫୩୧୨୦

ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ଧାରା ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ନୋଟିସ୍

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି କି ସୁରକ୍ଷିତ ଋଣଦାତାଙ୍କ ନିକଟରେ ନିମ୍ନ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିକୁ ବନ୍ଧକ ରଖାଯାଇଛି, ଯାହାକୁ କି କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଗଠନାତ୍ମକ/ଭୌତିକ ଦଖଲ ନେଇଛନ୍ତି। ନିମ୍ନଲିଖିତ ଋଣଗ୍ରହୀତାଙ୍କ ଠାରୁ **କାନାରା ବ୍ୟାଙ୍କର, ସଂପୃକ୍ତ ଶାଖାଗୁଡ଼ିକର** ବକେୟା ପରିମାଣ ଆଦାୟ କରିବା ପାଇଁ ଉକ୍ତ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତ୍ତିରେ" ତା.୧୩.୦୩.୨୦୨୬ରିଖ ପୂର୍ବାହ୍ନ ୧୦.୩୦ଘ. ରୁ ପୂର୍ବାହ୍ନ ୧୧.୩୦ଘ. (Baanknet ପୋର୍ଟାଲ ମାଧ୍ୟମରେ)** ମଧ୍ୟରେ ବିକ୍ରୟ କରାଯିବ। ନିମ୍ନଲିଖିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ରାଶି ନିମ୍ନରେପ୍ରଦତ୍ତ। ଅମାନତ ରାଶି **ତା.୦୯.୦୩.୨୦୨୬ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା** ଦାଖଲ କରାଯିବା ଆବଶ୍ୟକ। **ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ବିଡ୍ ବୃଦ୍ଧି ରାଶି ଟ.୧୦,୦୦୦/-** । ଇଚ୍ଛୁକ ନିଲାମଧାରୀମାନେ ପୋର୍ଟାଲ: **https://baanknet.com/eauction-psb/bidder-registration** ରେ ସେମାନଙ୍କର ନାମକୁ ପଞ୍ଜିକୃତ କରିବେ ଏବଂ **ୟୁଜର ଆଇଡି** ଓ **ପାସୱାର୍ଡ** ମାଗଣାରେ ପାଇବେ।

ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା	ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ	ଧାର୍ଯ୍ୟ ତାରିଖ ସୁଦ୍ଧା ମୋଟ ବକେୟା ରାଶି	ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି
କୋଣାର୍କ ଶାଖା, ଫୋନ୍: ୭୬୦୫୦୦୯୧୬୪ / **ଋଣଗ୍ରହୀତା: ସୂର୍ଯ୍ୟନାରାୟଣ ସ୍ୱାଇଁ,** ପିତା: ୰ ବ୍ରହ୍ମାନନ୍ଦ ସ୍ୱାଇଁ, ସା: ବନାଖଣ୍ଡି (ସିମିଳି- ମାଙ୍ଗର ଗରଡି), ପୋ: ଯୁଉଣେଇ, ଥାନା: କୋଣାର୍କ, ଜିଲ୍ଲା: ପୁରୀ, ଓଡ଼ିଶା-୭୫୨୧୧୧	**ସୂର୍ଯ୍ୟନାରାୟଣ ସ୍ୱାଇଁ**ଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୭, ପ୍ଲଟ୍ ନଂ.: ୬୮୯, କ୍ଷେତ୍ର: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୭୩୪, କ୍ଷେତ୍ର: ଏକର୦.୦୩ ଡିସିମିଲି, ପ୍ଲଟ୍ ନଂ.: ୧୦୭୦, କ୍ଷେତ୍ର: ଏକର୦.୦୪ ଡିସିମିଲି, ମୌଜା: ବନାଖଣ୍ଡି, ଥାନା: ଗୋପ, ଥାନା ନଂ.: ୨୦୫, ଏସ୍.ଆର୍/ତହସିଲ: ଗୋପ, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ବଂଶୀଧର ସ୍ୱାଇଁ, ପଶ୍ଚିମ: ଜଟାଧାରୀ ସ୍ୱାଇଁ	୩୧.୧୨.୨୦୨୫ ସୁଦ୍ଧା ଟ.୫୪,୫୭,୦୪୯.୫୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ	ଟ.୧୦,୮୦,୦୦୦/- / ଟ.୧,୦୮,୦୦୦/-
ନିମାପଡା ଶାଖା, ଫୋନ୍: ୭୬୦୫୦୦୯୧୬୮ / **ଋଣଗ୍ରହୀତାମାନେ: ୧) ମେସର୍ସ ହାପିଲି ଏଜେନ୍ସିଜ୍, ସ୍ୱତ୍ତ୍ୱାଧିକାରୀ: ତପନ କୁମାର ମଲ୍ଲିକ,** ସା: ଗଣେଶ ବଜାର, ଜୟଶ୍ରୀ ଛକ, ଥାନା: ନିମାପଡା, ଜିଲ୍ଲା: ପୁରୀ, ଓଡ଼ିଶା, ପିନ୍-୭୫୨୧୦୬, **୨) ତପନ କୁମାର ମଲ୍ଲିକ,** ପିତା: ଦେବେନ୍ଦ୍ର ମଲ୍ଲିକ, ସା/ପୋ: ବିଷ୍ଣୁପୁର, ଥାନା: ନିମାପଡା, ଓଡ଼ିଶା, ପିନ୍-୭୫୨୧୦୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ଦେବେନ୍ଦ୍ର ମଲ୍ଲିକ,** ପିତା: ୰ ଧଡି ମଲ୍ଲିକ, ସା/ପୋ: ବିଷ୍ଣୁପୁର, ଥାନା: ନିମାପଡା, ଓଡ଼ିଶା, ପିନ୍-୭୫୨୧୦୬	**ଶ୍ରୀ ଦେବେନ୍ଦ୍ର ମଲ୍ଲିକ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୭୭୫, ଖାତା ନଂ.: ୧୩୩୨/୬୭୦, କ୍ଷେତ୍ର: ଏକର ୦.୧୩ ଡିସିମିଲି, ମୌଜା: ବିଷ୍ଣୁପୁର, ତହସିଲ: ନିମାପଡା, ଥାନା: ନିମାପଡା, ଜିଲ୍ଲା: ପୁରୀ ଏହାର ଚାରିପାର୍ଶ୍ୱରେ ପୂର୍ବ: ଦେବେନ୍ଦ୍ର ମଲ୍ଲିକ ଏବଂ ନିଧି ବେହେରାଙ୍କ ସମ୍ପତ୍ତି, ପଶ୍ଚିମ: ନିଧି ବେହେରା ଏବଂ ଅନ୍ୟମାନେ, ଉତ୍ତର: କୃଷ୍ଣ ମଲ୍ଲିକଙ୍କ ସମ୍ପତ୍ତି, ଦକ୍ଷିଣ: ଦେବେନ୍ଦ୍ର ମଲ୍ଲିକଙ୍କ ସମ୍ପତ୍ତି ଏବଂ ରାସ୍ତା	୩୧.୧୨.୨୦୨୫ ସୁଦ୍ଧା ଟ.୫୧,୪୪,୧୩୨.୨୮ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ	ଟ.୨୯,୭୩,୦୦୦/- / ଟ.୨,୯୭,୩୦୦/-
ବଡପଦା ଶାଖା, ଫୋନ୍: ୯୧୨୪୭୫୩୦୫୨/ **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ଦୋଳଗୋବିନ୍ଦ ସାହୁ,** ପିତା: ଶ୍ରୀ ନାରାୟଣ ସାହୁ / **ଗ୍ୟାରେଣ୍ଟିଦାତା: ଶ୍ରୀ ନାରାୟଣ ସାହୁ,** ପିତା: ୰ ଶ୍ରୀଧର ସାହୁ, ଉଭୟଙ୍କ ଠିକଣା- ସା: ସାନମୋହନପୁର, କଣିପାଳ, ପୋ: ବଡପଦା, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୨୪୫, ଓଡ଼ିଶା	**ଶ୍ରୀ ନାରାୟଣ ସାହୁ ଏବଂ ଶ୍ରୀ ଦୋଳଗୋବିନ୍ଦ ସାହୁ**ଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ଖାତା ନଂ.: ୨୪୬, ପ୍ଲଟ୍ ନଂ.: ୮୭/୧୧୧୯, ମୌଜା: ସାନମୋହନପୁର, ତହସିଲ: କେନ୍ଦ୍ରାପଡା, ଜିଲ୍ଲା: କେନ୍ଦ୍ରାପଡା, କ୍ଷେତ୍ର: ଏକର୦.୦୬ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନାହିଁ, ଦକ୍ଷିଣ: ରାସ୍ତା, ପୂର୍ବ: ନାହିଁ, ପଶ୍ଚିମ: ନାହିଁ	୨୯.୦୧.୨୦୨୬ ସୁଦ୍ଧା ଟ.୧୯,୪୫,୪୭୭.୬୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ	ଟ.୪,୬୪,୦୦୦/- / ଟ.୪୬,୪୦୦/-
ନିଷ୍ଠିନ୍ତକୋଇଲି ଶାଖା, ଫୋନ୍: ୯୬୩୨୦୭୫୬୭୫ / **ଋଣଗ୍ରହୀତା: ଗୋପାଳ ଚନ୍ଦ୍ର ବେହେରା,** ପିତା: ବ୍ରହ୍ମାନନ୍ଦ ବେହେରା, ସା: କୁଳଗାଁଈଶାଳୋ, ଥାନା: ଅଶୁରେଶ୍ୱର, ଜିଲ୍ଲା: କଟକ, ଓଡ଼ିଶା, ପିନ୍ - ୭୫୪୨୦୭ / **ଗ୍ୟାରେଣ୍ଟିଦାତା: ବିଜୟ କୁମାର ରାଉତ,** ପିତା: ୰ ମକର ବେହେରା, ସା: ଏକରୁଖି, ନତକାଇ, ନିଷ୍ଠିନ୍ତକୋଇଲି, ଜିଲ୍ଲା: କଟକ, ଓଡ଼ିଶା, ପିନ୍ - ୭୫୪୨୦୭ / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ମଧୁମିତା ବେହେରା,** ସ୍ୱାମୀ: ଗୋପାଳ ଚନ୍ଦ୍ର ବେହେରା, ସା: କୁଳଗାଁଈଶାଳୋ, ଥାନା: ଅଶୁରେଶ୍ୱର, ଜିଲ୍ଲା: କଟକ, ଓଡ଼ିଶା, ପିନ୍ - ୭୫୪୨୦୭	**ଶ୍ରୀ ମଧୁମିତା ବେହେରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୮୬୮, ଖାତା ନଂ.: ୩୪୮, ସା/ମୌଜା: କୁଳଗାଁଈଶାଳୋ, ଥାନା: ସାଲେପୁର, ହାଲ୍ ଥାନା: ନିଷ୍ଠିନ୍ତକୋଇଲି ଏବଂ ନଂ.: ୨୭୪, ତହସିଲ: ସାଲେପୁର, ହାଲ୍ ତହସିଲ: ନିଷ୍ଠିନ୍ତକୋଇଲି ଏବଂ ନଂ.: ୨୦୭, ଜିଲ୍ଲା: କଟକ, କିସମ: ପତିତ, କ୍ଷେତ୍ର: ଏକର ୦.୨୨୫୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା, ପୂର୍ବ: ଉଚ୍ଛବ ସାହୁ, ପଶ୍ଚିମ: ରାସ୍ତା	୨୯.୦୧.୨୦୨୬ ସୁଦ୍ଧା ଟ.୧୬,୮୬,୨୪୦.୫୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ	ଟ.୯,୩୧,୦୦୦/- / ଟ.୯୩,୧୦୦/-
ବାସୁଦେବପୁର ଶାଖା, ଫୋନ୍: ୭୬୦୫୦୦୯୧୧୦/ **ଋଣଗ୍ରହୀତା: ମେସର୍ସ ଅନନ୍ତ ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଅନିତା ଦାସ,** ସା/ପୋ.: ଗୁଡ୍, ଭାୟା: ଅନନ୍ତପୁର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୬, **୨) ଅନିତା ଦାସ,** ସ୍ୱାମୀ: କମଳେନ୍ଦୁ ବିକାଶ ଦାଶ ଶର୍ମା, **(ମେସର୍ସ ଅନନ୍ତ ଏଣ୍ଟରପ୍ରାଇଜେସର ସ୍ୱତ୍ତ୍ୱାଧିକାରୀ),** ସା/ପୋ.: ଗୁଡ୍, ଥାନା: ସୋରୋ, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୪୬ / **ଗ୍ୟାରେଣ୍ଟିଦାତା ତଥା ବନ୍ଧକଦାତା: ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାଶ,** ସ୍ୱାମୀ: ୰ ଭାଗିରଥି ଦାଶ ଶର୍ମା, **୨) ଶ୍ରୀ କମଳେନ୍ଦୁ ବିକାଶ ଦାଶ ଶର୍ମା,** ପିତା: ୰ ଭାଗିରଥି ଦାଶ ଶର୍ମା, **୩) ଶ୍ରୀ ଶଶି ଭୂଷଣ ଦାଶ ଶର୍ମା,** ପିତା: ୰ ଭାଗିରଥି ଦାଶ ଶର୍ମା, **୪) ଶ୍ରୀମତୀ ଶଶିକଳା ପଣ୍ଡା,** ପିତା: ୰ ଭାଗିରଥି ଦାଶ ଶର୍ମା, ସମସ୍ତଙ୍କ ଠିକଣା- ସା/ପୋ.: ଗୁଡ୍, ଭାୟା: ଅନନ୍ତପୁର, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୧୨୬	**ଶ୍ରୀମତୀ ଅନ୍ନପୂର୍ଣ୍ଣା ଦାସ, ଶ୍ରୀ କମଳେନ୍ଦୁ ବିକାଶ ଦାଶ ଶର୍ମା, ଶ୍ରୀ ଶଶି ଭୂଷଣ ଦାଶ ଶର୍ମା ଏବଂ ଶ୍ରୀମତୀ ଶଶିକଳା ପଣ୍ଡା**ଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୦୯୪, ଖାତା ନଂ.: ୧୫୩୭/୫୯୦, କ୍ଷେତ୍ର: ଏକର୦.୩୨ଡିସିମିଲି, ମୌଜା: ଗୁଡ୍, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଏହାର ଚାରିପାର୍ଶ୍ୱରେ ଉତ୍ତର ପ୍ଲଟ୍ ନଂ.: ୩୦୮୭, ଦକ୍ଷିଣ: ପ୍ଲଟ୍ ନଂ.: ୩୬୯୫ ଏବଂ ରାସ୍ତା, ପୂର୍ବ: ପ୍ଲଟ୍ ନଂ.: ୩୦୯୫, ପଶ୍ଚିମ: ସର୍ବସାଧାରଣ ରାସ୍ତା	୨୯.୦୧.୨୦୨୬ ସୁଦ୍ଧା ଟ.୪୧,୭୧,୦୭୭.୫୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ	ଟ.୩୯,୩୫,୦୦୦/- / ଟ.୩,୯୩,୫୦୦/-
ବାଲିଆପାଳ ଶାଖା, ଫୋନ୍: ୭୬୦୫୦୦୯୧୦୪ / **ଋଣଗ୍ରହୀତା: ଶ୍ରୀ ଗଣେଶ କିଙ୍କର ମହାନ୍ତି,** ପିତା: ଶ୍ରୀ ଅତୁଲ କୁମାର ମହାନ୍ତି, **ଶ୍ରୀମତୀ ପ୍ରଭାବତୀ ମହାନ୍ତି,** ମାର୍ପତ: ଶ୍ରୀ ଅତୁଲ କୁମାର ମହାନ୍ତି, ଉଭୟଙ୍କ ଠିକଣା- ସା: ବେଡ଼ାପାଳ, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୬	**ଶ୍ରୀ ଗଣେଶ କିଙ୍କର ମହାନ୍ତି**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୨୨/୩୦୫୮, ଖାତା ନଂ.: ୬୭୦/୩୬୮, କ୍ଷେତ୍ର: ଏକର୦.୧୨ ଡିସିମିଲି, ମୌଜା: ବେଡ଼ାପାଳ, ଥାନା: ବାଲିଆପାଳ, ଥାନା ନଂ.: ୫୦, ତହସିଲ: ବାଲିଆପାଳ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭୨୩ ଶ୍ୟାମ ସୁନ୍ଦର ନନ୍ଦୀ ଏବଂ ଅନ୍ୟମାନେ, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ରତିଭା ମହାନ୍ତି ଏବଂ ଅନ୍ୟମାନେ, ପଶ୍ଚିମ: ପ୍ଲଟ୍ ନଂ.: ୧୭୩୪ ରାମ ଚନ୍ଦ୍ର ମାସାନ୍ତ ଏବଂ ଅନ୍ୟମାନେ ୭ ଜଣ, ୧୭୩୫ ଅନିଲ କୁମାର ଦାସ ଅଧିକାରୀ ଏବଂ ଅନ୍ୟମାନେ	୨୯.୦୧.୨୦୨୬ ସୁଦ୍ଧା ଟ.୮,୮୫,୫୬୭.୨୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ	ଟ.୧୭,୨୦,୦୦୦/- / ଟ.୧,୭୨,୦୦୦/-
ନୂଆଗାଁ ଶାଖା, ଫୋନ୍: ୭୬୦୫୦୦୯୧୬୯ / **ଋଣଗ୍ରହୀତା: ଶ୍ରୀ କାହ୍ନୁ ଚରଣ ଶତପଥି,** ପିତା: ସୁରେନ୍ଦ୍ର ଶତପଥି / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ନିନି ଶତପଥି,** ସ୍ୱାମୀ: ସୁରେନ୍ଦ୍ର ଶତପଥି, ଉଭୟଙ୍କ ଠିକଣା- ସା: ଡିମିରିପଲ୍ଲୀ, ପୋ: ଧୁମୁଛାଇ, ତନରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୧୪୦	**ଶ୍ରୀମତୀ ନିନି ଶତପଥି**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୯୬/୨୦, ପ୍ଲଟ୍ ନଂ.: ୪୪୪, କ୍ଷେତ୍ର: ଏକର ୦.୦୨୦ ଡ଼ିସିମିଲି, ମୌଜା: ଡିମିରିପଲ୍ଲୀ, ତହସିଲ: ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଖଦାଳ ସ୍ୱାଇଁ, ଦକ୍ଷିଣ: ସଂଞ୍ଜୁକ୍ତା ତ୍ରିପାଠୀ, ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା	୨୮.୦୧.୨୦୨୬ ସୁଦ୍ଧା ଟ.୬,୮୯,୪୧୧/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ	ଟ.୩,୩୦,୦୦୦/- / ଟ.୩୩,୦୦ ୦/-
ରାୟଗଡ଼ା ଶାଖା, ଫୋନ୍: ୯୪୩୭୪୯୭୦୨୧ / **ଋଣଗ୍ରହୀତା: ଶ୍ରୀ ଗୌର ହରି ନାଥ, ମେସର୍ସ ମାଳତୀ ସେଲ୍ ସପିର ସ୍ୱତ୍ତ୍ୱାଧିକାରୀ,** ପିତା: ୰ ସାଇ କୁମାର ନାଥ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁନିତା ନାଥ,** ସ୍ୱାମୀ: ଗୌର ହରି ନାଥ, ଉଭୟଙ୍କ ଠିକଣା- ସା: କଲେକ୍ଟରେଟ ରୋଡ଼, ନିଉ କଲୋନୀ, ରାୟଗଡ଼ା, ପୋ./ଥାନା/ଜିଲ୍ଲା: ରାୟଗଡ଼ା (ଓଡ଼ିଶା), ପିନ୍-୭୬୫୦୦୧	**ଶ୍ରୀମତୀ ସୁନିତା ନାଥ**ଙ୍କ ନାମରେ ଥିବା ବାସୋପଯୋଗୀ ପ୍ଲଟ୍‌ର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୦/୧୨୯୭, ପ୍ଲଟ୍ ନଂ.: ୨୦୦/୧୫୫୦, କ୍ଷେତ୍ର: ଏକର ୦.୦୧୭ ଡ଼ିସିମିଲି, ମୌଜା: କୋଠପେଟା, ତହସିଲ: ରାୟଗଡ଼ା, ଜିଲ୍ଲା: ରାୟଗଡ଼ା, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲେଆଉଟ୍ ପ୍ଲଟ୍ ନଂ.:୧, ଦକ୍ଷିଣ: ୨୦ଫୁଟିଆ ରାସ୍ତା, ପୂର୍ବ: ଲେଆଉଟ୍ ପ୍ଲଟ୍ ନଂ.: ୨୧, ପଶ୍ଚିମ: ଶ୍ରୀ ବାଲାଜୀ ଚୌଧୁରୀଙ୍କ ଜମି ଏବଂ ଅନ୍ୟମାନେ	୨୬.୧୧.୨୦୨୫ ସୁଦ୍ଧା ଟ.୧୪,୪୦,୭୫୮.୬୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ	ଟ.୬,୪୮,୦୦୦/- / ଟ.୬୪,୮୦୦/-

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ କାନାରା ବ୍ୟାଙ୍କର ୱେବସାଇଟ୍ **(www.canarabank.com)** ରେ ପ୍ରଦତ୍ତ ଲିଙ୍କ୍ **"https://canarabank.com/pagesorissa"** କିମ୍ବା ସମ୍ପୃକ୍ତ ଶାଖା ଭାରପ୍ରାପ୍ତ ଅଧିକାରୀଙ୍କୁ ଯେକୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଯୋଗାଯୋଗ କରିପାରିବେ ।

ସ୍ଥାନ: ଭୁବନେଶ୍ୱର, ତାରିଖ : ୩୦.୦୧.୨୦୨୬ **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**